# ଉତ୍କଳମଣି ସ୍ମରଣେ

୦୯/୧୦/୧୯୮୮

ଆଜି ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁଙ୍କ ପବିତ୍ର ଜନ୍ମତିଥି । ଏ ଜାତିର ଉତ୍ତରପୁରୁଷ ଭାବେ ଏହି ମହାପୁରୁଷଙ୍କ ସ୍ମୃତିଚାରଣ କରିବା ଏବଂ ତାଙ୍କର ଜୀବନାଦର୍ଶକୁ ମନେ ପକାଇବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ । ଆମେ ସ୍ମରଣ କରୁ ବା ନକରୁ, ଆମେ ତାଙ୍କ ଆଦର୍ଶ କଥା ଚିନ୍ତା କରୁ ବା ନକରୁ ପଣ୍ଡିତ ଗୋପବନ୍ଧୁ ଏ ଜାତିର ସଦା ନମସ୍ୟ ହୋଇ ରହିବେ । ସ୍ମୃତିଚାରଣ କିଏ କରି ପାରିବ ? ସେମାନଙ୍କର ଜୀବନାଦର୍ଶ କଥା କିଏ କହିପାରିବ ? ଯେଉଁମାନଙ୍କର ସ୍ମୃତିରେ କିଛି ଥିବ କିମ୍ବା ଯେଉଁମାନେ ଏହି ମହାପୁରୁଷମାନଙ୍କର ସାନ୍ନିଧ୍ୟ, ସାହଚର୍ଯ୍ୟ ଲାଭ କରିବା ସଙ୍ଗେସଙ୍ଗେ ତାଙ୍କର ଆଦର୍ଶ ଅନୁସରଣ କରିବାର ପ୍ରତ୍ୟକ୍ଷ ଅନୁଭବ ରଖିଥିବେ । ସ୍ୱାଧୀନୋତ୍ତର ଭାରତରେ ଜନ୍ମଲାଭ କରିଥିବା ଆମପରି ଅନୁଭୂତିକାଙ୍ଗାଳ ସଚେତନ ଯୁବଗୋଷ୍ଠୀ ସ୍ମୃତିରେ ଏହି ମହାପୁରୁଷମାନଙ୍କ ବିଷୟରେ ସେପରି କିଛି ଅଛି ବୋଲି କହିହେବ ନାହିଁ । ଏହି କାଳଜୟୀ ପୁରୁଷମାନେ ବହୁପୂର୍ବରୁ ଦେହତ୍ୟାଗ କରି ଯାଇଥିଲେ ମଧ୍ୟ ସେମାନେ ସୃଷ୍ଟି କରିଯାଇଥିବା ମୌଳିକ ମୂଲ୍ୟବୋଧ, ଗଢ଼ିଯାଇଥିବା ପୁରାତନ ଅନୁଷ୍ଠାନ ଏବଂ ସର୍ବୋପରି ସେମାନଙ୍କ ସହିତ ପ୍ରତ୍ୟକ୍ଷ ଅନୁଭବ ରଖିଥିବା ଆମର ଆଜିର ଗୁରୁଜନ ଏବଂ ଅଭିଭାବକ ମାନଙ୍କର ଆଚରଣ ଏବଂ ଆଦର୍ଶ ମାଧ୍ୟମରେ ଆମେ ସାଧାରଣତଃ ସେମାନଙ୍କୁ ଚିହ୍ନିଥାଉ ।

ଏହି ପରିପ୍ରେକ୍ଷୀରେ ପଣ୍ଡିତ ଗୋପବନ୍ଧୁଙ୍କର ପୁଣ୍ୟ ଜନ୍ମତିଥିରେ କିଛି ଚିନ୍ତାକଲାବେଳେ ଅତି ପରିମାଣରେ ଅସହାୟ ଏବଂ ଆତ୍ମ ସଚେତନ ହେବାକୁ ପଡ଼େ । ପଣ୍ଡିତ ଗୋପବନ୍ଧୁଙ୍କର ବହୁମୁଖୀ ପ୍ରତିଭା ଦୃଷ୍ଟିରୁ ଆମେ ତାଙ୍କୁ ବିଭିନ୍ନ ଭୂମିକାରେ ଦେଖିଥାଉ ବା ଚିହ୍ନିଥାଉ । ପ୍ରାଥମିକ ସ୍କୁଲରେ ପାଠ ପଢ଼ିବା ଦିନଠାରୁ 'ମିଶୁ ମୋର ଦେହ ଏ ଦେଶ ମାଟିରେ...' ଏବଂ 'ପୁଣ୍ୟ ଜନ୍ମଭୂମି ପୁଣ୍ୟ ଦେବାଳୟ....' ପରି ଅଭୂତପୂର୍ବ ଦେଶାତ୍ମବୋଧ କବିତାର ସ୍ରଷ୍ଟା ଭାବରେ ତ ପୁଣି


## ଆମଘରର ହାଲଚାଲ

ସୌମ୍ୟରଞ୍ଜନ ପଟ୍ଟନାୟକ


'ରେଳ ଉପରେ ଚିଲିକା ଦର୍ଶନ' ପରି ପ୍ରକୃତିପ୍ରେମୀ ସମ୍ବେଦନଶୀଳ କବି ଭାବରେ ଦେଖିଥାଉ । ପରବର୍ତ୍ତୀ ସମୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ପ୍ରଥମ ଓଡ଼ିଆ ଶିଷ୍ୟ ଓ ଓଡ଼ିଶାରେ ଜାତୀୟ ଆନ୍ଦୋଳନର କର୍ଣ୍ଣଧାର ଭାବରେ ତ ବନ୍ୟା, ବାତ୍ୟା ପ୍ରପୀଡ଼ିତ ଦରିଦ୍ର ଓଡ଼ିଶାର ଦରଦୀ ଓ ନିଃସ୍ୱାର୍ଥପର ସେବକ ଭାବରେ ମଧ୍ୟ ଚିହ୍ନିଥାଉ । ପୁଣି ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠାତା ଭାବରେ ତ 'ସମାଜ' ଓ 'ସତ୍ୟବାଦୀ' ପରି ପ୍ରଭାବଶାଳୀ ପତ୍ରପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଭାବରେ ମଧ୍ୟ ଚିହ୍ନିଥାଉ ।

ଆଜି ମଧ୍ୟ ଆମ ଭିତରେ କବି, ସାହିତ୍ୟିକ ଏବଂ ସମ୍ପାଦକଙ୍କର ଅଭାବ ନାହିଁ । ଆଜି ମଧ୍ୟ ଓଡ଼ିଶାରେ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସମାଜସେବକ ସରକାରୀ ସାହାଯ୍ୟ ପାଇଁ ପ୍ରତିଦିନ ସଂଗଠିତ ହେଉଛନ୍ତି । ଓଡ଼ିଶାର ପୁରପଲ୍ଲୀରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ସ୍କୁଲ, କଲେଜ ପ୍ରତିଷ୍ଠା ହେବା ଆଜି ଏକ ସାଧାରଣ ଘଟଣା ହୋଇଗଲାଣି । ଆମ ଗଣତାନ୍ତ୍ରିକ ଜାତୀୟ ଜୀବନରେ ନେତୃତ୍ୱ ଦାବୀ କରୁଥିବା ଲୋକଙ୍କର ମଧ୍ୟ ଅଭାବ ନାହିଁ । ସର୍ବୋପରି ଓଡ଼ିଶାରେ ପତ୍ରପତ୍ରିକା ପ୍ରକାଶନ କ୍ଷେତ୍ରରେ ଅଭୂତପୂର୍ବ ବିକାଶ ଏବଂ ପ୍ରସାର ସମ୍ଭବ ହୋଇପାରିଛି । ଏସବୁ ସତ୍ତ୍ୱେ ପୁଣ୍ୟାତ୍ମା ଗୋପବନ୍ଧୁଙ୍କର ଆତ୍ମା ଶାନ୍ତି ପାଉଥିବ କି ନା ସେ ବିଷୟରେ ଯଥେଷ୍ଟ ସନ୍ଦେହ ରହିଯାଏ ଏବଂ ଏ ସନ୍ଦେହ ଘନୀଭୂତ ହୁଏ, ଆମେ ଯେତେବେଳେ ପୁଆଣ୍ଟେ ଯାଉ କିମ୍ବା ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ପୁରୀରୁ ଫେରିବାବେଳେ ସାକ୍ଷୀଗୋପାଳରେ ଟିକେ ଅଟକି ଯାଉ ।

ଉତ୍କଳମଣିଙ୍କର ଜନ୍ମତୀର୍ଥ ଆଜି ଅବହେଳିତ ତ ସାକ୍ଷୀଗୋପାଳର 'ସତ୍ୟବାଦୀ ବନ ବିଦ୍ୟାଳୟ' ସବୁ ଦୃଷ୍ଟିରୁ ଆମପାଇଁ ଅପରିଚିତ । ସତ୍ୟବାଦୀ ପ୍ରେସ ଏବଂ 'ସମାଜ' ପତ୍ରିକା ଆମର ଏକ ପ୍ରତିଦ୍ୱନ୍ଦ୍ୱୀ ପ୍ରକାଶନ ସଂସ୍ଥା ହୋଇଥିବା ଦୃଷ୍ଟିରୁ ସେ ବିଷୟରେ ଆଜିର ପରିପ୍ରେକ୍ଷୀରେ ବିଶେଷ କିଛି କହିବା ସମୀଚୀନ ମନେ କରୁନାହିଁ । ଆମର ଜାତୀୟ ଜୀବନରେ ଦେଖା ଦେଇଥିବା ରାଜନୈତିକ ଓ ସାଂସ୍କୃତିକ ଦାରିଦ୍ର୍ୟ କଥା ଯେତେ କମ୍ କୁହାଯିବ ସେତେ ଭଲ । ଓଡ଼ିଆ ଭାଷାକୁ, ଓଡ଼ିଶାର ଲୋକଙ୍କୁ ଏବଂ ଓଡ଼ିଶାକୁ ଭଲପାଇବାର ଯେଉଁ ପ୍ରମାଣ ଏବଂ ଉଦାହରଣ ଗୋପବନ୍ଧୁ ତାଙ୍କ ସାହିତ୍ୟିକ, ରାଜନୈତିକ ଓ ସାମାଜିକ ଜୀବନରେ ଦେଇ ଯାଇଛନ୍ତି, ସେଗୁଡ଼ିକର ଚରମ ଅଭାବ ଆଜି ସବୁ କ୍ଷେତ୍ରରେ ପରିଲକ୍ଷିତ ହେଉଛି । ଆମ ବିଚାରରେ ଓଡ଼ିଶାକୁ ଅତି ଆପଣାର କରି ଚିହ୍ନିବା ଏବଂ ଭଲ ପାଇବା ଥିଲା ଗୋପବନ୍ଧୁଙ୍କର ଜୀବନଦର୍ଶନର ମୌଳିକ ତତ୍ତ୍ୱ । ତାଙ୍କର ପୁଣ୍ୟ ଜନ୍ମ ତିଥିରେ ସମସ୍ତେ ଓଡ଼ିଶାକୁ ଭଲ ଭାବେ ଚିହ୍ନିବା ପାଇଁ ଏବଂ ଏହାକୁ ଆପଣାର କରି ଦେଖିବାପାଇଁ ସଙ୍କଳ୍ପ ନିଅନ୍ତୁ । ଆମର ଏହି ଜାତୀୟ ସଂକଳ୍ପ ହିଁ ହେବ ଉତ୍କଳମଣିଙ୍କ ଅମର ଆତ୍ମା ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।